ମହନ୍ତ ରାମସ୍ୱରୂପ ଦାସ                    1961

ବନାମ                    ଜାନୁଆରୀ 11

ବିହାର ରାଜ୍ୟ ।

(ଜେ. ଏଲ. କପୁର, ଏମ. ହିଦାୟତୁଲ୍ଲା ଏବଂ ଜେ. ସି. ଶାହ, ନ୍ୟାୟମୂର୍ତ୍ତିଗଣ)

*କୃଷି ଆୟକର- ନ୍ୟାୟାଳୟ ତତ୍ତ୍ୱାବଧାୟକ ମାଲିକଙ୍କ ପରିଚାଳନାଧୀନ ମାହାଲ- ଏପରି ଅବଧି ପାଇଁ କର ଦେବାକୁ ମାଲିକ ଆଇନାନୁଯାୟୀ ବାଧ୍ୟ କି- ବିହାର କୃଷି ଆୟକର ଅଧିନିୟମ, 1948 ର XXXII, ଧାରା 2, ଖଣ୍ଡ (m), 3  ଏବଂ 13 ।*

ଆବେଦନକାରୀ ବିହାରର ଆସ୍ଥଲ ମାହାଲର ମହନ୍ତ ଥିଲେ, ଯାହା ମାହାଲ ସମ୍ବନ୍ଧୀୟ ଏକ ମକଦ୍ଦମାରେ ଦେୱାନୀ ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ଜଣେ ତତ୍ତ୍ୱାବଧାୟକଙ୍କ ପରିଚାଳନାରେ ଥିଲା । ଆବେଦନ ଉପରେ ଏହି ନ୍ୟାୟାଳୟରେ ନିର୍ଣ୍ଣୟ ପାଇଁ ଯେଉଁ ପ୍ରଶ୍ନଟି ଉଠିଥିଲା ତାହା ଥିଲା ବିହାର କୃଷି ଆୟକର ଅଧିନିୟମ, 1948 ଅଧୀନରେ ନ୍ୟାୟାଳୟ ତତ୍ତ୍ୱାବଧାୟକଙ୍କ ପରିଚାଳନାରେ ଥିବା ବର୍ଷ ପାଇଁ କୃଷି ଆୟକର ପ୍ରଦାନ କରିବାକୁ ଆବେଦନକାରୀ-ମହନ୍ତ ଆଇନ ଅନୁଯାୟୀ ବାଧ୍ୟ କି?

*କୁହାଗଲା,* ଯେ ଯଦିଓ ତତ୍ତ୍ୱାବଧାୟକଙ୍କ ଦ୍ୱାରା ଆୟ ସଂଗୃହୀତ ଥିଲା, ଏହା ଆବେଦନକାରୀଙ୍କର ଆୟ ଥିଲା । ବିହାର କୃଷି ଆୟକର ଅଧିନିୟମର  ଧାରା 2, ଖଣ୍ଡ (m) ଏବଂ 13 ର ବ୍ୟବସ୍ଥା ଅନୁସାରେ ତତ୍ତ୍ୱାବଧାୟକଙ୍କୁ କରଦାତା ଭାବେ ବିବେଚନା କରିବା ଆୟକର କର୍ତ୍ତୃପକ୍ଷଙ୍କ ପାଇଁ ଉନ୍ମୁକ୍ତ ଥିଲା, କାରଣ ଯେଉଁ ସମ୍ପତ୍ତିରୁ ଆୟ ହେଉଥିଲା, ତାହା ତାଙ୍କ ପାଖରେ ଥିଲା, କିନ୍ତୁ ସେହି ଦୃଷ୍ଟିରୁ ମାଲିକଙ୍କ ହାତରେ ଥିବା ଆୟ ଆୟକର ପ୍ରଦାନ ଦାୟରୁ ମୁକ୍ତ ନଥିଲା । ଅଧିନିୟମର ଧାରା  3, ଧାରା 2 ଖଣ୍ଡ (m) ରେ ପରିଭାଷିତ ପ୍ରତ୍ୟେକ "ବ୍ୟକ୍ତି" ପାଇଁ, ଯେଉଁଥିରେ ଜଣେ ତତ୍ତ୍ୱାବଧାୟକ ଅନ୍ତର୍ଭୁକ୍ତ, କୃଷି ଆୟ ଉପରେ  କର ଆଦାୟ କରିବାର ବ୍ୟବସ୍ଥା ପ୍ରଦାନ କରେ ଏବଂ  ଧାରା 13 "ବ୍ୟକ୍ତିଗଣ"ଙ୍କ ସମେତ ତତ୍ତ୍ୱାବଧାୟକଙ୍କଠାରୁ କୃଷି ଆୟ ଉପରେ କର ଆଦାୟ ପାଇଁ କେବଳ ଏକ ଉପାୟ ପ୍ରଦାନ କରେ ଏବଂ ଏହା ନିଜେ ଏକ କର ଆଦାୟ ପାଇଁ ଉଦ୍ଦିଷ୍ଟ ଧାରା ନୁହେଁ ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା  449/1958 ।

ବିବିଧ ନ୍ୟାୟିକ ମାମଲା ସଂଖ୍ୟା  604/1953 ରେ ପ୍ରଦତ୍ତ ପାଟନା ଉଚ୍ଚ ନ୍ୟାୟାଳୟର ତା ଅଗଷ୍ଟ 7, 1956 ରିଖର ରାୟ ତଥା ଡିକ୍ରୀରୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଆବେଦନ ।

1961

ମହନ୍ତ ରାମସ୍ୱରୂପ ଦାସ
ବନାମ
ବିହାର ରାଜ୍ୟ

*ଡି. ପି. ସିଂହ*, ଆବେଦନକାରୀଙ୍କ ପକ୍ଷରୁ ।

*ଏସ୍. ପି. ବର୍ମା*, ପ୍ରତିବାଦୀଙ୍କ ପକ୍ଷରୁ ।

1961 । ଜାନୁଆରୀ 11 । ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ

ଶାହ, ନ୍ୟାୟମୂର୍ତ୍ତି

ଶାହ, ନ୍ୟାୟମୂର୍ତ୍ତି- ପାଟନାର ଉଚ୍ଚ ନ୍ୟାୟାଳୟ ବିହାର କୃଷି ଆୟକର ବୋର୍ଡ ଦ୍ୱାରା ବିହାର କୃଷି ଆୟକର ଅଧିନିୟମ, 1948 ର XXXII ର ଧାରା 28(3) ଅଧୀନରେ ଦାଖଲ କରାଯାଇଥିବା ନିମ୍ନଲିଖିତ ପ୍ରଶ୍ନର ସକାରାତ୍ମକ ଭାବେ ଉତ୍ତର ଦେଇଥିଲେ - ଏହାପରେ ଏଠାରେ ଅଧିନିୟମ ଭାବରେ ଉଲ୍ଲେଖ କରାଯାଇଛି:

"ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ଆବେଦନକାରୀଙ୍କୁ 1355 ଫସଲିରେ ମାହାଲର ଆୟ ପାଇଁ ଆଇନଗତ ଭାବରେ ମୂଲ୍ୟ ନିର୍ଦ୍ଧାରଣ କରାଯାଇପାରିବ କି, ଯେତେବେଳେ ମାହାଲ ତତ୍ତ୍ୱାବଧାୟକଙ୍କ ହାତରେ ଥିଲା?"

ସମ୍ବିଧାନର ଅନୁଚ୍ଛେଦ 136 ଅଧୀନରେ ସ୍ୱତନ୍ତ୍ର ଅନୁମତି ସହିତ, ଉଚ୍ଚ ନ୍ୟାୟାଳୟର ଆଦେଶ ବିରୁଦ୍ଧରେ ଏହି ଆବେଦନକୁ ଆଗତ କରାଯାଇଛି । ଆବେଦନକାରୀ ବିହାରର ଭାଗଲପୁର ଜିଲ୍ଲାର ସଲାଉନାରେ ସ୍ଥିତ ଆସ୍ଥଲ ମାହାଲର ମହନ୍ତ ଅଟନ୍ତି । ସେହି ମାହାଲ ସମ୍ବନ୍ଧୀୟ ଏକ ମକଦ୍ଦମାରେ, ମାହାଲ ପରିଚାଳନା ପାଇଁ ପ୍ରଥମ ଶ୍ରେଣୀ ଅଧସ୍ତନ ବିଚାରପତି, ମୋଙ୍ଘିରଙ୍କ ଦ୍ୱାରା ଜଣେ ନ୍ୟାୟାଳୟ ତତ୍ତ୍ୱାବଧାୟକ ନିଯୁକ୍ତ ହୋଇଥିଲେ । ତତ୍ତ୍ୱାବଧାୟକ ଡିସେମ୍ବର, 1949 ରେ କିଛି ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ଏବଂ ଅଧସ୍ତନ ବିଚାରପତିଙ୍କ ଆଦେଶରେ ସେ ଜାନୁଆରୀ 8, 1950 ରେ ଆବେଦନକାରୀଙ୍କୁ ମାହାଲର ଦାୟିତ୍ୱ ହସ୍ତାନ୍ତର କରିଥିଲେ । ତା 16 ସେପ୍ଟେମ୍ବର 1948 ରିଖ ଠାରୁ ତା 15 ସେପ୍ଟେମ୍ବର 1949 ରିଖ ପର୍ଯ୍ୟନ୍ତ ଭଳି ଫସଲି ବର୍ଷ 1355 ପାଇଁ ତା 15 ଜାନୁଆରୀ 1950 ରିଖରେ ଆବେଦନକାରୀ କୃଷି ଆୟକର ଅଧିକାରୀ, ମୋଙ୍ଘିରଙ୍କ ନିକଟରେ ସମ୍ପତ୍ତିର ଆୟ ବିବରଣୀ ଦାଖଲ କରିଥିଲେ । କୃଷି ଆୟକର ଅଧିକାରୀ, 7 ଅଗଷ୍ଟ, 1950 ରେ ମାହାଲର କୃଷି ଆୟ 90, 507-2-6 ଟଙ୍କା ମୂଲ୍ୟ ନିର୍ଦ୍ଧାରଣ କରିଥିଲେ ଏବଂ କୃଷି ଆୟକର ଭାବେ ଆବେଦନକାରୀଙ୍କୁ 20, 290-13-0 ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ବିହାରର କୃଷି ଆୟକର ଆୟୁକ୍ତ ଏବଂ କୃଷି ଆୟକର ବୋର୍ଡକୁ ଦିଆଯାଇଥିବା ମୂଲ୍ୟ ନିର୍ଦ୍ଧାରଣ ଆଦେଶ ବିରୋଧରେ ଆବେଦନଟି ବିଫଳ ହୋଇଥିଲା । ତେବେ ସେ ଯାହା ହେଉ, ବୋର୍ଡ ଏଠାରେ ପୂର୍ବରୁ ଉଲ୍ଲେଖ କରାଯାଇଥିବା ପ୍ରଶ୍ନକୁ ଅଧିନିୟମର ଧାରା 28(3) ଅଧୀନରେ ଉଚ୍ଚ ନ୍ୟାୟାଳୟକୁ ପଠାଇଥିଲେ ଯେହେତୁ ଏହାର ଆଦେଶରୁ ଉତ୍ପନ୍ନ ହୋଇଥିଲା ।

ଏହି ଆବେଦନରେ ନିର୍ଦ୍ଧାରିତ ହେବାକୁ ଥିବା ଏକମାତ୍ର ପ୍ରଶ୍ନ ଏହିକି ଯେ ଆବେଦନକାରୀ ନ୍ୟାୟାଳୟ ତତ୍ତ୍ୱାବଧାୟକଙ୍କ ପରିଚାଳନାରେ ଥିବା ବର୍ଷ ପାଇଁ କୃଷି ଆୟକର ପ୍ରଦାନ କରିବାକୁ ଆଇନ ଅନୁଯାୟୀ ବାଧ୍ୟ ଥିଲେ କି? ଅଧିନିୟମର ଧାରା 3, ଯାହା ଦେୟ ଆଦାୟର ଧାରା ଅଟେ, ଏହି ବ୍ୟବସ୍ଥା ପ୍ରଦାନ କରେ କି:

"ପ୍ରତ୍ୟେକ ବ୍ୟକ୍ତିଙ୍କ ପୂର୍ବ ବର୍ଷର ମୋଟ କୃଷି ଆୟ ଉପରେ ଏହି ଅଧିନିୟମର ବ୍ୟବସ୍ଥାନୁଯାୟୀ ଏବଂ ଏହା ଅଧୀନରେ ପ୍ରତ୍ୟେକ ଆର୍ଥିକ ବର୍ଷ ପାଇଁ କୃଷି ଆୟକର ଆଦାୟ କରାଯିବ ।

ଧାରା 4 ଦ୍ୱାରା, ଏହା ପ୍ରଦାନ କରାଯାଇଛି :

"ଏହାପରେ ଏଥିରେ ଦିଆଯାଇଥିବା ବ୍ୟବସ୍ଥା ବ୍ୟତୀତ, ଏହି ଅଧିନିୟମ ବିହାର ରାଜ୍ୟରେ ଅବସ୍ଥିତ ଭୂମିରୁ ପ୍ରାପ୍ତ ସମସ୍ତ କୃଷି ଆୟ ଉପରେ ଲାଗୁ ହେବ ।"

ଆବେଦନକାରୀଙ୍କ ସମ୍ପତ୍ତିର ଆୟ ଆୟକର ପ୍ରଦାନରୁ ମୁକ୍ତ ନଥିଲା ଏବଂ ଧାରା 3 ଆଧାରରେ, ପ୍ରଶ୍ନରେ ଥିବା ମୂଲ୍ୟ ନିର୍ଦ୍ଧାରଣ ବର୍ଷର ଆୟ ଉପରେ କୃଷି ଆୟକର ଲାଗୁ କରାଯାଇଥିଲା, ଏବଂ ଆବେଦନକାରୀ ପ୍ରଥମ ଦୃଷ୍ଟିଗତ ସମ୍ପତ୍ତିର ମାଲିକ ଭାବେ ସେହି ଆୟ ଉପରେ କର ଦେବାକୁ ଦାୟୀ ଥିଲେ । ତଥାପି ଆବେଦନକାରୀ ଅଧିନିୟମର ଧାରା 13 ଉପରେ ନିର୍ଭର କରିଥିଲେ ଯାହା ବ୍ୟବସ୍ଥା କରେ:

"ଯେଉଁଠାରେ କୌଣସି ବ୍ୟକ୍ତି ଭୂମି ଧାରଣ କରନ୍ତି, ଯେଉଁଥିରୁ କୃଷି ଆୟ ପ୍ରାପ୍ତ ହୁଏ, ବର୍ତ୍ତମାନ ବଳବତ୍ତର ଥିବା କୌଣସି ଆଇନ ଅଧୀନରେ କିମ୍ବା କୌଣସି ରାଜିନାମା ଅଧୀନରେ ଏହିପରି ଭୂମି କିମ୍ବା ସେଥିରୁ ପ୍ରାପ୍ତ କୃଷି ଆୟରେ ମିଳିତ ଭାବରେ ଆଗ୍ରହୀ ବ୍ୟକ୍ତିଙ୍କ ତରଫରୁ, ତତ୍ତ୍ୱାବଧାୟକ କିମ୍ବା ପ୍ରଶାସକ କିମ୍ବା ସମରୂପେ ନିଯୁକ୍ତ ଜଣେ ସାଧାରଣ ପରିଚାଳକ ଭାବରେ, ଏପରି ଭୂମିରୁ ପ୍ରାପ୍ତ ଏବଂ ତାଙ୍କ ଦ୍ୱାରା ପ୍ରାପ୍ତ କୃଷି ଆୟ ଉପରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଦ୍ୱାରା କୃଷି ଆୟକର ଭାବରେ ଦେୟ ହେଉଥିବା ରାଶିଗୁଡ଼ିକର ସମଷ୍ଟି ଏପରି ସାଧାରଣ ପରିଚାଳକ, ତତ୍ତ୍ୱାବଧାୟକ, ପ୍ରଶାସକ କିମ୍ବା ଏହିପରି ଅନ୍ୟମାନଙ୍କ ଉପରେ ମୂଲ୍ୟ ନିର୍ଦ୍ଧାରଣ କରାଯିବ, ଏବଂ ସେ ଏପରି ପ୍ରତ୍ୟେକ ବ୍ୟକ୍ତିଙ୍କ ଦ୍ୱାରା ପ୍ରଦେୟ କୃଷି ଆୟକର ସମ୍ବନ୍ଧରେ କରଦାତା ବୋଲି ବିବେଚିତ ହେବେ ଏବଂ ସମାନ ଦେୟ ପଇଠ କରିବାକୁ ଆଇନ ଅନୁଯାୟୀ ବାଧ୍ୟ ରହିବେ ।"

1961

ମହନ୍ତ ରାମସ୍ୱରୂପ ଦାସ
ବନାମ
ବିହାର ରାଜ୍ୟ

ଶାହ, ନ୍ୟାୟମୂର୍ତ୍ତି

ଆବେଦନକାରୀ ଦୃଢ଼ୋକ୍ତି କରିଥିଲେ ଯେ ଯଦି କୃଷି ଆୟ ପ୍ରାପ୍ତ ହେଉଥିବା ଭୂମି ଜଣେ ତତ୍ତ୍ୱାବଧାୟକଙ୍କ ପାଖରେ ଅଛି ଏବଂ ଆୟ ତତ୍ତ୍ୱାବଧାୟକଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ଧାରା 13 ଆଧାରରେ କେବଳ ତତ୍ତ୍ୱାବଧାୟକ କରଦାତା ଭାବେ ବିବେଚିତ ହେବେ ଏବଂ ସେହି ଆୟ ସମ୍ବନ୍ଧରେ କେବଳ ତତ୍ତ୍ୱାବଧାୟକ କର ଦେବାକୁ ଆଇନ ଅନୁଯାୟୀ ବାଧ୍ୟ ରହିବେ । ତାଙ୍କ ଯୁକ୍ତିର ସମର୍ଥନରେ, ଆବେଦନକାରୀ ଧାରା 2, ଖଣ୍ଡ (m) ରେ "ବ୍ୟକ୍ତି" ଶବ୍ଦର ସଂଜ୍ଞା ଉପରେ ନିର୍ଭର କରିଛନ୍ତି, ଯାହା ଉଲ୍ଲେଖ କରେ;

"'ବ୍ୟକ୍ତି' ଅର୍ଥ କୌଣସି ବ୍ୟକ୍ତି କିମ୍ବା ବ୍ୟକ୍ତିବିଶେଷମାନଙ୍କ ସଙ୍ଗଠନ ଅଟେ, ଯିଏ ନିଜ ପାଇଁ କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟରେ, କିମ୍ବା ଆଂଶିକ ଭାବରେ ନିଜ ଲାଭ ପାଇଁ ଏବଂ ଆଂଶିକ ଭାବରେ ଅନ୍ୟ ପାଇଁ, ମାଲିକ, ନ୍ୟାସୀ, ତତ୍ତ୍ୱାବଧାୟକ, ସାଧାରଣ ପରିଚାଳକ, ପ୍ରଶାସକ କିମ୍ବା କାର୍ଯ୍ୟନିର୍ବାହୀ ଭାବରେ କିମ୍ବା ଆଇନ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଯେ କୌଣସି କ୍ଷମତାରେ ସମ୍ପତ୍ତିର ମାଲିକ ହୋଇଥା'ନ୍ତି ବା ସମ୍ପତ୍ତି ଧାରଣ କରନ୍ତି, ଏବଂ ଏକ ଅବିଭାଜିତ ହିନ୍ଦୁ ପରିବାର, ବ୍ୟବସାୟିକ ପ୍ରତିଷ୍ଠାନ କିମ୍ବା କମ୍ପାନୀ ଏଥିରେ ଅନ୍ତର୍ଭୁକ୍ତ ।"

ଆମ୍ଭ ମତରେ, ଆବେଦନକାରୀଙ୍କ ଦ୍ୱାରା ଉଠାଯାଇଥିବା ଯୁକ୍ତିତର୍କରେ କୌଣସି ସାର ନାହିଁ । *ପ୍ରତ୍ୟେକ ବ୍ୟକ୍ତିଙ୍କ* କୃଷି ଆୟ ଉପରେ କର ପ୍ରଦାନ କରିବାର ଦାୟ ଧାର୍ଯ୍ୟ କରାଯାଇଥାଏ । ଯଦିଓ ତତ୍ତ୍ୱାବଧାୟକଙ୍କ ଦ୍ୱାରା ସଂଗୃହୀତ ଆୟ ଆବେଦନକାରୀଙ୍କ ଆୟ ଥିଲା ଧାରା 13 ରେ, ମାଲିକଙ୍କ ବ୍ୟତୀତ, ତତ୍ତ୍ୱାବଧାୟକଙ୍କୁ ଜଣେ କରଦାତା ବୋଲି ବିବେଚନା କରାଯିବ । କିନ୍ତୁ ଯେଉଁ ସମ୍ପତ୍ତିରୁ ହିସାବ ବର୍ଷରେ ଆୟ ଉପାର୍ଜିତ ହୋଇଥିଲା, ସେହି ସମ୍ପତ୍ତିକୁ ତତ୍ତ୍ୱାବଧାୟକ ଧାରଣ କରିଥିବା କାରଣରୁ, ସେ ଜଣେ କରଦାତା ବୋଲି ବିବେଚିତ ହୋଇପାରନ୍ତି ଏବଂ କର ଦେବାକୁ ଆଇନ ଅନୁଯାୟୀ ବାଧ୍ୟ ହୋଇପାରନ୍ତି, ଏହା ସେହି ଆବେଦନକାରୀଙ୍କୁ କୃଷି ଆୟକର ପ୍ରଦାନ କରିବାରୁ ଦାୟମୁକ୍ତ କରେ ନାହିଁ, ଯାହାଙ୍କ ତରଫରୁ ଆୟ ପ୍ରାପ୍ତ ହୋଇଥିଲା । ଧାରା 13 କେବଳ କର ଆଦାୟ ପାଇଁ ଏକ ଉପାୟ ପ୍ରଦାନ କରେ, ଏବଂ ଏହା ଏକ କର ପ୍ରଦାନ ପାଇଁ ଧାରା ନୁହେଁ । ଯେତେବେଳେ ସମ୍ପତ୍ତି ତତ୍ତ୍ୱାବଧାୟକ, ସାଧାରଣ ପରିଚାଳକ କିମ୍ବା ପ୍ରଶାସକଙ୍କ ଦଖଲରେ ଥାଏ, ଆୟକର କର୍ତ୍ତୃପକ୍ଷ ଏ'ପରି ବ୍ୟକ୍ତିଙ୍କୁ କରଦାତା ଭାବରେ ବ୍ୟବହାର କରିପାରିବେ ଏବଂ ଆୟକର ଆଦାୟ କରିପାରିବେ, କିନ୍ତୁ ବାଧ୍ୟ ନୁହଁନ୍ତି । ଆୟକର କର୍ତ୍ତୃପକ୍ଷ ସର୍ବଦା ଆୟର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି ଏବଂ ତାଙ୍କ ବିରୋଧରେ ଆୟକର ମୂଲ୍ୟ ନିର୍ଦ୍ଧାରଣ କରିପାରନ୍ତି । "ବ୍ୟକ୍ତି" ର ଅର୍ଥରେ ଏହି ସଂଜ୍ଞାରେ ନିଃସନ୍ଦେହରେ ଜଣେ ତତ୍ତ୍ୱାବଧାୟକ, ନ୍ୟାସୀ, ସାଧାରଣ ପରିଚାଳକ, ପ୍ରଶାସକ କିମ୍ବା କାର୍ଯ୍ୟନିର୍ବାହୀ ସାମିଲ ଥିଲେ, ଏବଂ ଏପରି ଅନ୍ତର୍ଭୁକ୍ତୀକରଣ ଦ୍ୱାରା

ଆୟକର କର୍ତ୍ତୃପକ୍ଷଙ୍କ ପାଇଁ ଏପରି କୌଣସି ବ୍ୟକ୍ତିଙ୍କ ବିରୋଧରେ ଆୟକର ମୂଲ୍ୟ ନିର୍ଦ୍ଧାରଣ କରିବା ଖୋଲା ରହିଛି; କିନ୍ତୁ ସେହି ଦୃଷ୍ଟିରୁ, ମାଲିକଙ୍କ ହାତରେ ଥିବା ଆୟକର ମୂଲ୍ୟ ନିର୍ଦ୍ଧାରଣରୁ ମୁକ୍ତ ନୁହେଁ ।

ଆବେଦନକାରୀଙ୍କ ଓକିଲ ଅନୁରୋଧ କରିଥିଲେ ଯେ ଆବେଦନକାରୀଙ୍କ ଦ୍ୱାରା ତତ୍ତ୍ୱାବଧାୟକଙ୍କଠାରୁ ପ୍ରାପ୍ତ ଆୟ କୃଷି ଆୟର ଚରିତ୍ରକୁ ଧରି ରଖେ ନାହିଁ ଏବଂ ଏହା ପୂର୍ବରୁ ମଧ୍ୟ ଆବେଦନକାରୀ କୃଷି ଆୟକର ଦେବାକୁ ଆଇନ ଅନୁଯାୟୀ ବାଧ୍ୟତ ନୁହଁନ୍ତି । କିନ୍ତୁ ଏହି ଯୁକ୍ତି ଆୟକର କର୍ତ୍ତୃପକ୍ଷଙ୍କ ସମ୍ମୁଖରେ କେବେ ଉଠାଯାଇନାହିଁ ଏବଂ ଏପରି କୌଣସି ପ୍ରଶ୍ନ ଏହି ନ୍ୟାୟାଳୟକୁ ଦର୍ଶିତ କରାଯାଇନାହିଁ । ଆୟର ଚରିତ୍ରକୁ ଆବେଦନକାରୀଙ୍କ ହାତରେ କୃଷି ଆୟ ବୋଲି ଗ୍ରହଣ କରାଯାଇଥିଲା ଏବଂ ପ୍ରଶ୍ନଗତ କୃଷି ଆୟକର ବର୍ଷ ପାଇଁ ମୂଲ୍ୟ ନିର୍ଦ୍ଧାରଣ ପାଇଁ ରହିଥିବା ଜଣେ ଆବେଦନକାରୀଙ୍କ ଦାୟିତ୍ୱ ସମ୍ବନ୍ଧରେ କୃଷି ଆୟକର ବୋର୍ଡ ସମ୍ମୁଖରେ ଏକମାତ୍ର ପ୍ରଶ୍ନ ଉଲ୍ଲେଖ କରିବାକୁ ତଥା ଉଠାଇବାକୁ ଲୋଡ଼ାଯାଇଥିଲା ।

ମାମଲାର ସେହି ଦୃଷ୍ଟିକୋଣରୁ, ଆବେଦନଟି ବିଫଳ ହୋଇଛି ଏବଂ ଖର୍ଚ୍ଚ ସହିତ ଖାରଜ କରାଯାଉଛି ।

ଆବେଦନଟି ଖାରଜ ହୋଇଛି ।

---

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**